# Akashvani, Sambalpur

## SAMBALPURI NEWS EVENING BULLETIN

## 7 April 2024- 7.02 pm- 7.12 pm.

*********************************************

୧- ସୁବିଧା ପୋର୍ଟାଲ୍‌ଥି ସାଢ଼େ ୪୪ ହଜାର୍‌ନୁ ଅଏତ୍‌କା ଆବେଦନ୍‌କେ ମଞ୍ଜୁରୀ ଦେଇଛନ୍ ନିର୍ବାଚନ୍ ଆୟୋଗ ।

- ଖୁଲା ଜାଗା ନ ଅଏତ୍‌କା ସମିଆ ଧରିକରି ସଭା ନାଇଁ କର୍‌ବାର୍‌କେ ରାଜନୈତିକ୍ ଦଲ୍‌ମାନ୍‌କୁ ଦିଆଯାଇଛେ ପରାମର୍ଶ ।

୨- ରାଜ୍ୟପାଲ୍ ଆର୍ କୁଳାଧିପତି ରଘୁବର୍ ଦାସଙ୍କର ପୌରୋହିତ୍ୟଥି ଆଏବା କାଏଲ୍ ହେବା ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟର୍ ସମାବର୍ତ୍ତନ୍ ଉତ୍ସବ ।

୩- ଶିକ୍ଷା ଅଧିକାର୍ ଆଇନ୍‌ଥି ଘରୋଇ ସ୍କୁଲ୍‌ଥି ମାହାଲିଆ ନାଁଲେଖା ସମିଆ ଆଏବା ୨୬ ତାରିଖ୍‌ତକ୍ ବଢ଼୍‌ଲା ।

୪- 'ମୋ ସ୍ୱାସ୍ଥ୍ୟ- ମୋ ଅଧିକାର୍' ବାର୍ତା ସଙ୍ଗେ ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ।

ଆଉର୍

୫- ପଶ୍ଚିମାଝଡ଼ର ପ୍ରଭାବ୍‌ଥି ବଦ୍‌ଲିଛେ ରାଜ୍ୟର୍ ପାଣିପାଗ୍- ୨ ନୁ ୪ ଡିଗ୍ରୀତକ୍ କମିଛେ ତାତି ।

ସୁବିଧା ପୋର୍ଟାଲ୍          ଆର୍ଏନ୍ୟୁ/ କଟକ୍

ନିର୍ବାଚନ୍ ପ୍ରକ୍ରିୟାଥି ମତଦାତା ଆର୍ ପ୍ରାର୍ଥୀମାନ୍କୁ ସହଯୋଗ୍ କର୍ବାର୍କେ ଭାରତ୍ର ନିର୍ବାଚନ୍ ଆୟୋଗ୍ ତର୍ଫୁ ସୁବିଧା ପୋର୍ଟାଲ୍ ଚଲାଯାଇଛେ । ନିର୍ବାଚନ୍ ଆୟୋଗଙ୍କର୍ କାର୍ଯ୍ୟାଲୟନୁ ମିଲିଥିବା ସୂଚ୍ନା ଅନ୍ସାରେ ଗଲା ୨୦ ଦିନ୍ ଭିତ୍ରେ ସୁବିଧା ପୋର୍ଟାଲ୍ଥି ୭୩ ହଜାର୍ନୁ ଅଏତ୍କା ଆବେଦନ୍ କରାଯାଇଛେ । ସେ ଭିତ୍ରୁ ୪୪ ହଜାର୍ ୬ ଶହ ନୁ ଅଏତ୍କା ଆବେଦନ୍କେ ଆୟୋଗ ଅନୁମୋଦନ୍ କରିଛନ୍ । ନିର୍ବାଚନ୍ ପ୍ରଚାର୍ ସମିଆର୍ ଗୁରୁତ୍ୱ ଅନ୍ସାରେ ସୁବିଧା ପୋର୍ଟାଲ୍ ଜରିଆଥି ପ୍ରାଥମିକତା ଭିତି ନ ସଭାସମିତି କର୍ବାର୍, ଅସ୍ଥାୟୀ ଦଲୀୟ କାର୍ଯ୍ୟାଲୟ ଖୁଲ୍ବାର୍, ଦୁଆର୍ ଦୁଆର୍ ଯାଇକରି ପ୍ରଚାର୍ କର୍ବାର ବାଗିର୍ ଭିନ୍ ଭିନ୍ ପ୍ରଚାର୍ କାମ୍ ଲାଗି ଅନୁମତି ଦିଆଯାଏସି ।

ଜଳଛତ୍ର ପରିଚାଳନା          ଆର୍ଏନ୍ୟୁ/ କଟକ୍

ନିର୍ବାଚନ ଆୟୋଗଙ୍କର୍ ନିର୍ଦ୍ଦେଶ୍ ଅନ୍ସାରେ ଗ୍ରୀଷ୍ମ ପ୍ରବାହକେ ନଜର୍ଥି ରଖିକରି ଆଦର୍ଶ ଆଚରଣ ବିଧିକେ ଲାଗୁ କରିକରି ଭିନ୍ ଭିନ୍ ଜାଗା ନ ବେନର୍ ନାଇଁ ଲଗେଇକରି ଜଳଛତ୍ର ପରିଚାଳନା କର୍ବାର୍କେ ରାଜ୍ୟ ସର୍କାର୍ ନିର୍ଦ୍ଦେଶ୍

ଦେଇଛନ୍ । ନଗର୍ ଉନ୍ନୟନ ବିଭାଗ୍ ଆର୍ ପଂଚାୟତିରାଜ୍ ଆଉ ପାନୀୟ ଜଲ ବିଭାଗ୍ ଇ ଜଲ୍ଛତ୍ରମାନ୍କର୍ ପରିଚାଲନା କର୍ବେ । ସେନ୍ତା ଖୁଲା ଜାଗା ନ ଅଏତ୍କା ସମିଆ ଧରିକରି ସାଧାରଣ ସଭା ନାଇଁ କର୍ବାର୍କେ ରାଜନୈତିକ୍ ଦଲ୍ମାନ୍କୁ ପରାମର୍ଶ ଦିଆଯାଇଛେ ।

ଆଦର୍ଶ ଆଚରଣ ବିଧି- ଗାଡ଼ି ଯାଂଚ୍ ଆର୍ଏନ୍ୟୁ/ କଟକ୍

ଆଏବା ସାଧାରଣ ନିର୍ବାଚନ୍କେ ନଜର୍ଥି ରଖିକରି ପୁଲିସ୍, ଅବକାରୀ ଆର୍ ଅଲ୍ଗା ଯାଂଚ୍ ବିଭାଗ୍ ମାନ୍କର୍ ତର୍ଫୁ ବେଆଇନ୍ କାର୍ଯ୍ୟକଲାପ ଉପ୍ରେ ନଜର୍ ରଖାଯାଉଛେ । ଆଦର୍ଶ ଆଚରଣ ବିଧି ଅନ୍ସାରେ ରାଜ୍ୟ ପରିବହନ୍ ବିଭାଗ୍ ତର୍ଫୁ ରାଜ୍ୟର୍ ସୀମ୍ନା ଇଲାକା ଆର୍ ଭିନ୍ ଭିନ୍ ଜିଲ୍ଲା ନ ଗଲା ଗୁରୁବାର୍ତକ୍ ୬ ଶହ ୨୦ ନୁ ଅଏତ୍କା ଗାଡ଼ି ଯାଂଚ୍ କରାଯାଇଛେ । ଇ ବାବ୍ଦେ ପାଖାପାଖି ୧୨ ଲାଖ୍ ୮୫ ହଜାର୍ ଟଙ୍କା ଚାଲାଣ୍ କଟାଯାଇଛେ । ଇତାର୍ସଙ୍ଗେ ୨୭ କୋଟି ୭୨ ଲାଖ୍ ଟଙ୍କାର୍ ଭିନ୍ ଭିନ୍ ସାମାନ୍ ଉପ୍ରେ ଜରିମାନା କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ନିର୍ବାଚନ୍କେ ମୁକ୍ତ ଆଉ ଅବାଧ କର୍ବାର୍ ଲାଗି ନିର୍ବାଚନ୍ ଆୟୋଗ୍ ତର୍ଫୁ ସି-ଭିଜିଲ୍ ମୋବାଇଲ୍ ଆପ୍ ଚଲାଯାଇଛେ । ନିର୍ବାଚନ୍ ପ୍ରକ୍ରିୟାଥି

କେହେନି ପ୍ରକାର୍‌ର ତ୍ରୁଟି ଦେଖ୍‌ଲେ ଲୁକେ ଇ ଆପ୍ ଜରିଏ ଅଭିଯୋଗ୍ କରିପାର୍‌ବେ ।

## ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟ-ସମାବର୍ତ୍ତନ୍ ଉତ୍ସବ

ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟର୍ ୩୩ ତମ ସମାବର୍ତ୍ତନ୍ ଉତ୍ସବ୍ ଆଏବା କାଏଲ୍ ସଖାଲର୍ ସାଢ଼େ ୯ ବଜେ ଜ୍ୟୋତିବିହାର୍ ପରିସର ନ ଥିବା ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ନ ହେବାର୍‌କେ ଯାଉଛେ । ରାଜ୍ୟପାଲ୍ ଆର୍ କୁଳାଧିପତି ରଘୁବର ଦାସଙ୍କର୍ ପୌରୋହିତ୍ୟଥି ହେବାର୍‌କେ ଥିବା ସମାବର୍ତ୍ତନ୍ ଉତ୍ସବ୍ ନ ସି.ଏସ୍.ଆଇ.ଆର୍-ଆଇ.ଏମ୍.ଏମ୍.ଟିର ନିର୍ଦ୍ଦେଶକ୍ ଡକ୍ଟର୍ ରାମାନୁଜ ନାରାୟଣ୍ ସମ୍ମାନିତ ଅତିଥି ଆର କୋରାପୁଟ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଲୟର୍ କୁଳପତି ପ୍ରଫେସର୍ ଚକ୍ରଧର୍ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ୍ ଦେବେ ।

## ଘରୋଇ ସ୍କୁଲ୍- ମାହାଲିଆ ନାଁ ଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ଶିକ୍ଷା ଅଧିକାର୍ ଆଇନ୍- ଆର୍‌ଟିଇ ଅନ୍‌ସାରେ ଘରୋଇ ସ୍କୁଲ୍‌ମାନ୍‌କୁ ୨୫ ଭାଗ୍ ସିଟ୍‌ଥି ମାହାଲିଆ ନାଁ ଲେଖା ସମିଆକେ ବଢ଼ାଯାଇଛେ । ଇ ଯୋଜନାଥି ବଛାଯାଇଥିବା ଛୁଆକର୍ ଆଏବା ୨୬ ତାରିଖ୍ ଭିତ୍‌ରେ ନାଁ ଲେଖାଯାଇପାର୍‌ବା । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ଇ ବାବ୍‌ଦେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଆର୍ ବ୍ଲକ୍ ଶିକ୍ଷା ଅଧିକାରୀମାନ୍‌କୁ ଚିଠି କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ୨୦୨୪ ଶିକ୍ଷା ବଛ୍‌ରେ ଆର୍‌ଟିଆଇ ଅନ୍‌ସାରେ ଘରୋଇ ସ୍କୁଲ୍‌ମାନ୍‌କୁ ୨୫ ପ୍ରତିଶତ୍ ସିଟ୍‌ଥି ମାହାଲିଆ ନାଁଲେଖାର୍ ଲାଗି ଗଲା ମାର୍ଚ୍ଚ ୨୨ ତାରିଖ୍ ଦିନ ଲଟ୍‌ରୀ ହେଇଥିଲା । ହେଥି ବଛାଯାଇଥିବା ଛାତ୍ରଛାତ୍ରୀମାନ୍‌କୁ ଗଲାକାଏଲ୍‌ତକ୍ ସ୍କୁଲ୍‌ଥି ନାଁଲେଖାବାର୍‌କେ କୁହାଯାଇଥିଲା । ହେଲେ ଖୋବ୍‌ଟେ ଘରୋଇସ୍କୁଲ୍ ସିଟ୍ ନାଇଁନ ବଲି କହିକରି ଛୁଆକର୍ ନାଁ ନାଇଁ ଲେଖଉଥିବାର୍‌ନୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ନାଁ ଲେଖା ସମିଆକେ ବଢ଼ାଯାଇଛେ ।

ସକାଲୁଆ କୋର୍ଟ          ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ଜିଲ୍ଲାସ୍ତରୀୟ ଆଉ ନିମ୍ନ ଅଦାଲତ୍‌ମାନ୍ ଆଏବା କାଏଲ୍‌ଠାନୁ ସକାଲୁଆ ହେବା । ବ୍ରହ୍ମପୁର୍, ଛତ୍ରପୁର, ଭୁବ୍‌ନେଶ୍ୱର୍, କୋରାପୁଟ୍ ସଦର୍ ଆର୍ ପୁରୀ ସଦର୍‌ର

କୋର୍ଟମାନ୍‌କୁ ଛାଡ଼ିଦେଲେ ରାଜ୍ୟର୍ ବାକି ସବୁ କୋର୍ଟ ସଖାଲର୍ ସାଢ଼େ ୭ ନୁ ମଏଧାନର୍ ୧୨ ବଜାତକ୍ ଚାଲ୍‌ବା । ସଖାଲର୍ ୧୦ ବଜେ ଅଧାଘଂଟିଆ ବିରତି ରହେବା ବଲି ଓଡ଼ିଶା ହାଇକୋର୍ଟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସୂର୍ଯ୍ୟପରାଗ ଆର୍‌ଏନ୍‌ୟୁ/ କଟକ୍

ଇ ବଛ୍‌ରର୍ ପହେଲା ସୂର୍ଯ୍ୟପରାଗ୍ ଆଏବା କାଏଲ୍ ଦେଖ୍‌ବାର୍‌କେ ମିଲ୍‌ବା । ପୂର୍ଣ୍ଣଗ୍ରାସ ସୂର୍ଯ୍ୟପରାଗ ହେଇଥିବାର୍‌ନୁ ଇ ସୂର୍ଯ୍ୟପରାଗ୍ ଖୋବ୍ ସୁନ୍ଦର୍ ଆର୍ ବିରଲ୍ ହେବା ବଲି ଜ୍ୟୋର୍ତିବିଜ୍ଞାନୀମାନେ ମତ ରଖିଛନ୍ । ଇ ସୂର୍ଯ୍ୟପରାଗ ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଆର୍ ମେକ୍ସିକୋର କେତେ ଇଲାକା ନ ପୂର୍ଣ୍ଣସୂର୍ଯ୍ୟପରାଗ ଭାବେ ଦେଖାଯିବା । ଭାରତୀୟ ସମିଆ ଅନ୍‌ସାରେ ସୂର୍ଯ୍ୟପରାଗ୍ ଆଏବା କାଏଲ୍ ରାତି ୯ ବାଜିକରି ୧୨ ମିନିଟ୍‌ଥି ମୁଲ୍ ହେଇକରି ରାତିର୍ ୨ ବାଜିକରି ୨୨ ମିନିଟ୍‌ଥି ମୋକ୍ଷ ହେବା ।

ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ବିଶ୍ୱର୍ ମଙ୍ଗଲ୍ ଲାଗି ସ୍ୱାସ୍ଥ୍ୟ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ଆଏଜ୍ ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ପାଲନ୍ କରାଯାଉଛେ । ପୁର୍‌ଥିର୍ ସବୁ ଲୋକ୍ କେନ୍ତା ନିରୋଗ୍ ଆର୍ ସୁନ୍ଦର୍ ଆର୍ ଭଲ୍ ସ୍ୱାସ୍ଥ୍ୟ ଉପଭୋଗ୍ କରିପାର୍‌ବେ, ହେଥିର୍‌ଲାଗି ୧୯୫୦ ମସିହାନୁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ଆଜିର୍ ଦିନ୍‌କେ ବିଶ୍ୱସ୍ୱାସ୍ଥ୍ୟ ଦିବସ୍ ଭାବେ ପାଲନ୍ କରାଯାଇଆସୁଛେ । 'ମୋ ସ୍ୱାସ୍ଥ୍ୟ- ମୋ ଅଧିକାର୍' ଇ ବଛର୍ ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍‌ର ବାର୍ତା ରହିଛେ । ଖାଦ୍ୟ, କପ୍‌ଡ଼ା, ଘର୍ ଯେନ୍ତା ଝନେ ଲୁକର୍ ସର୍ବନିମ୍ନ ଅଧିକାର୍ ସେନ୍ତା ସ୍ୱାସ୍ଥ୍ୟ ବାବ୍‌ଦେ ଜାନ୍‌ବାର୍‌ଟା ଆର୍ ଦର୍‌କାର୍ ବେଲେ ଚିକିତ୍ସା ପାଏବାର୍‌ଟା ଭିଲ୍ ଝନେ ଲୋକ୍‌ର ଅଧିକାର୍ ଆଏ । ପୁର୍‌ଥିର୍ କୋଟି କୋଟି ଲୁକ୍‌କୁ ସ୍ୱାସ୍ଥ୍ୟସେବା ବାଗିର୍ ମୌଳିକ୍ ଅଧିକାର୍ ପାଏବାର୍ ସୁଯୋଗ୍ ନାଇଁ ମିଳିପାର୍‌ବାର୍ । ପୁର୍‌ଥିର୍ ୪୭ ଟା ଦେଶ୍ ନିଜର୍ ନିଜର୍ ସମ୍ବିଧାନ୍‌ଥି ସ୍ୱାସ୍ଥ୍ୟକେ ଗୁଟେ ମାନବଅଧିକାର୍ ଭାବେ ସ୍ୱିକୃତୀ ଦେଇଛନ୍ । ଜାତିସଂଘର୍ ଗୁଟେ ରିପୋର୍ଟ୍‌ଥି କୁହାଯାଇଛେ ଯେ, ଇହାଛିନ୍ ଭିଲ୍ ପୁର୍‌ଥିର୍ କୋଟି କୋଟି ଲୋକ୍ ଭଲ୍ ସ୍ୱାସ୍ଥ୍ୟ ସେବା ଅଧିକାର୍‌ନୁ ବଂଚିତ୍ ଅଛନ୍ । ସ୍ୱାସ୍ଥ୍ୟ ବାବ୍‌ଦେ ସଚେତନତାର୍ ଅଭାବ୍  ଆର୍ ଭଲ୍ ଚିକିତ୍ସା ମିଳି ନାଇଁପାରୁଥିବାର୍‌ନୁ ପୁର୍‌ଥି ନ ଫି ୫ ସେକେଣ୍ଡ୍‌ଥି ଝନ୍‌କର୍ ଜୀବନ୍ ଯାଉଛେ । ବାୟୁମଣ୍ଡଲ୍‌ର ପ୍ରଦୂଷଣ୍ ଆର୍ ବିଶୃଙ୍ଖଳିତ ଖାଏବାର୍

ପିଇବାର୍ ଅଭ୍ୟାସ୍ ଇହାଛିନ୍ ସ୍ୱାସ୍ଥ୍ୟ ସମସ୍ୟାର୍ ମୁଖ୍ୟ କାରଣ୍ ହେଇଛେ ।

ସେଆଡ଼େ ସାମାଜିକ ଆର୍ ଆର୍ଥିକ୍ ଥିତିର୍ ଲାଗି ବହୁତ୍ ରୋଗୀ ଭଲ୍ ଚିକିତ୍ସା ପାଏବାର୍‌ନୁ ବଂଚିତ୍ ହେଉଛନ୍ । ସେମାନ୍‌କର୍ ପାଖେ ସ୍ୱାସ୍ଥ୍ୟ ବାବ୍‌ଦେ ଦର୍‌କାରୀ ତଥ୍ୟ, ଶିକ୍ଷା, ଉତମ୍ ଚିକିତ୍ସା, ସଫା ପିଇବାର୍ ପାଏନ୍, ନିର୍ମଲ୍ ବାୟୁ, ପରିଷ୍କାର୍ ପରିଛନ୍ନ ପରିବେଶ୍ ଆର୍ ସ୍ୱାସ୍ଥ୍ୟ ବାବ୍‌ଦେ ଅଧିକାର୍ ପୁହୁଁଚାବାର୍‌କେ ଆଏଜ୍ ସଚେତନତା କାର୍ଯ୍ୟକ୍ରମ୍‌ମାନ୍ କରାଯାଉଛେ ।

ସମ୍ବଲପୁର-ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ବୁର୍ଲା ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ୍ ଆର୍ ଗବେଷଣା ପ୍ରତିଷ୍ଠାନ୍- ଭିମ୍‌ସାର୍ ନର୍ସିଂ କଲେଜ୍ ନ ଭାରତୀୟ ଜନସ୍ୱାସ୍ଥ୍ୟ ସଂଘ- ଓଡ଼ିଶା ଶାଖା ତର୍‌ଫୁ ଆଏଜ୍ ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଭାରତୀୟ ଜନସ୍ୱାସ୍ଥ୍ୟ ସଂଘ- ଓଡ଼ିଶା ଶାଖାର୍ ସାଧାରଣ ସମ୍ପାଦକ ଡାକ୍ତର୍ ସଞ୍ଜିବ୍ ମିଶ୍ରଙ୍କର୍ ପରିଚାଳନାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଭୀମ୍‌ସାର୍ ଡାକ୍ତର୍‌ଖାନାର୍ ଅଧିକ୍ଷକ ପ୍ରଫେସର୍ ଲାଲ୍‌ମୋହନ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ଭିସୁଟ୍-ବ୍ୟାଘ୍ର ସଂରକ୍ଷଣ୍ ସଚେତନତା    ସମ୍ବଲପୁର ସମ୍ବାଦଦାତା

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ- ଭିସୁଟ୍‌ର ଇ-ଲର୍ଣ୍ଣିଂ ପରିସର ନ ଭିସୁଟ୍ ଆର୍ ଏଭର୍‌ଗ୍ରୀନ୍ ଫୋରମ୍ ତରଫୁ ବ୍ୟାଘ୍ର ସଂରକ୍ଷଣ୍ ସଚେତନତା ଅଭିଯାନ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍ ଆଂଚଲିକ୍ ମୁଖ୍ୟ ବନସଂରକ୍ଷକ ଟି.ଅଶୋକ କୁମାର୍ ମୁଖ୍ୟଅତିଥି ଆର୍ ଆଘର୍ ଭାରତୀୟ ବନସେବାର ଅଧିକାରୀ ଡକ୍ଟର୍ ଅନୁପ୍ କୁମାର୍ ନାଏକ୍ ମୁଖ୍ୟବକ୍ତା ଭାବେ ଯୋଗ୍ ଦେଇକରି ରାଏଜେ ବାଘ୍ ମାନ୍‌କର୍ ସମସ୍ୟା ଆର୍ ସେମାନ୍‌କର୍ ସଂଖ୍ୟା କେନ୍‌ତା ବଢ଼୍‌ବା  ହେ ବାବ୍‌ଦେ କହିଥିଲେ । କାର୍ଯ୍ୟକ୍ରମ୍‌ଥି ଭିସୁଟ୍‌ର କୁଳପତି ପ୍ରଫେସର୍ ବଂଶୀଧର୍ ମାଝୀ, ସମ୍ବଲ୍‌ପୁର୍ ବନଖଣ୍ଡ ଡିଏଫ୍‌ଓ ବିଶ୍ୱନାଥ ନିଲାନୱର୍ ଆର୍ ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍‌ର ଡିଏଫଓ ଅଂଶପ୍ରଜ୍ଞା ଦାସ ଭିଲ୍ ଉପସ୍ଥିତ୍ ଥିଲେ ।

ମହାନଦୀ- ଆଲୋଚନାଚକ୍ର        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ନ ଆଏଜ୍ ଜନମଙ୍ଗଳ ସମିତି ଆର୍ ଇଙ୍କ୍ ଫେଷ୍ଟର ମିଲିତ୍ ଆୟୋଜନ୍‌ଥି ମହାନଦୀର୍ ସ୍ୱାସ୍ଥ୍ୟ ଆଉ ବିପଦ୍‌ସଂକୁଳ ଗୋଷ୍ଠୀ ଉପ୍‌ରେ ପ୍ରଭାବ୍ ଶୀର୍ଷକ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ହେଥି ପରିବେଶ୍‌ବିତ୍

ବିମଳ ପ୍ରସାଦ୍ ପାଣ୍ଡିଆ, ଗୌରୀଶ୍ୟାମ୍ ପଣ୍ଡା, ଘାସିରାମ୍ ପଣ୍ଡା, ସନ୍ଦୀପ୍ ପଟ୍ଟନାୟକ୍ ଆର୍ ବିଜୟ ପ୍ରଧାନ୍ ଆଲୋଚକ ଭାବେ ଯୋଗ୍ ଦେଇଥିଲେ ।

କାନ୍‌ସାଟ୍ ଇଣ୍ଡିଆ ପ୍ରତିଯୋଗିତା    ସମ୍ବଲପୁର ସମ୍ବାଦଦାତା

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ -ଭିସୁଟ୍‌ର ଛାତ୍ରଛାତ୍ରୀ ଦଲ୍ ଅହମଦାବାଦ୍ ନ ଇସ୍ରୋ ତର୍‌ଫୁ ଚାଲିଥିବା କାନ୍‌ସାଟ୍ ଇଣ୍ଡିଆ ପ୍ରତିଯୋଗିତାର୍ ଫାଇନାଲ୍‌ଥି ପୁହୁଁଚିଛନ୍ । ଆଏବା ୧୬ ଆଉ ୧୭ ତାରିଖ୍ ଦୁଇ ଦିନ୍ ଧରିକରି ଫାଇନାଲ୍ ରାଉଣ୍ଡ୍ ପ୍ରତିଯୋଗିତା ହେବାର୍‌କେ ଯାଉଥିବାର୍ ବେଲେ ପ୍ରାଥମିକ ରାଉଣ୍ଡ୍‌ଥି ୮୨ ଟା ଦଲ୍ ଭିତ୍‌ରୁ ଭିସୁଟ୍ ସହେତେ ୨୭ ଟା ଦଲ୍ ଫାଇନାଲ୍ ରାଉଣ୍ଡ୍‌ଥି ପୁହୁଁଚିଛନ୍ ।

ମେଟ୍ରିକ୍ ସାର୍ଟିଫିକେଟ୍ ଡିଜିଟାଇଜେସନ୍  ଆର୍‌ଏନ୍‌ୟୁ / ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ - ବୋର୍ଡ୍ ତର୍‌ଫୁ ମେଟ୍ରିକ୍ ସାର୍ଟିଫିକେଟ୍ ଡିଜିଟାଇଜେସନ୍ କରାଯାଉଛେ । ଡିଜିଟାଇଜେସନ୍‌ଥି ସାର୍ଟିଫିକେଟ୍ ତିଆର୍ କର୍‌ବାର୍ ଆଘୋନୁ ପରୀକ୍ଷାର୍ଥୀଙ୍କର୍

ନାଁ, ବାପାଙ୍କର୍ ନାଁ ଆର୍ ଜନ୍ମ ତାରିଖ୍ ବାବଦ୍ ତ୍ରୁଟି ନାଇଁ ରହେବା ହେଥିର୍‌ଲାଗି ସଂଶୋଧନ୍ କରେଇନେବାର୍‌କେ ବୋର୍ଡ୍ କାର୍ଯ୍ୟାଳୟ ନ ତ୍ରୁଟି ସଂଶୋଧନ୍ କେମ୍ପ୍ ଖୁଲାଯାଇଛେ । ହେ କେମ୍ପ୍ ଆଏବା ୧୫ ତାରିଖ୍‌ତକ୍ ଚାଲ୍‌ବା । ସ୍କୁଲ୍‌ମାନ୍‌କୁ ପ୍ରଧାନ୍ ଶିକ୍ଷକ୍‌ମାନେ ହେ ସମିଆ ଭିତ୍‌ରେ ସେମାନ୍‌କର୍ ପରୀକ୍ଷାର୍ଥୀଙ୍କର୍ ତଥ୍ୟା ସାଙ୍ଗେ ତ୍ରୁଟି ସଂଶୋଧନ୍ ଲାଗି ଆବେଦନ୍ କରିପାର୍‌ବେ ବଲି କୁହାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ର ପ୍ରଭାବ୍‌ଥି ରାଏଜେ ପାଣିପାଗ୍ ବଦ୍‌ଲିଛେ । ଆଏଜ୍ ମେଘୁଆ ପାଗ୍ ଲାଗି ଦିନର୍ ତାତି ସ୍ୱାଭାବିକ୍‌ନୁ ୨ ନୁ ୪ ଡିଗ୍ରୀତକ୍ କମିଛେ । ଆଏବାକାଏଲ୍ ସଖାଲ୍‌ତକ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ଦେବ୍‌ଗଡ୍, ସୁନ୍ଦର୍‌ଗଡ୍, ସୋନ୍‌ପୁର୍ ଆର୍ ବୌଦ୍ଧ ସହେତେ ରାଜ୍ୟର୍ ୧୫ ଟା ଜିଲ୍ଲାର୍ କେତେ ଜାଗା ନ ଘଡ୍‌ଘଡ଼ି ଆର୍ ବିଜ୍‌ଲି ମାରିକରି ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସତର୍କ କରାଯାଇଛେ । ବର୍ଷା ସମିଆଥି ପବନ୍ ବୁହିବାର୍ ସଙ୍ଗେ କେତେ ଜାଗା ନ କରାମାଡ଼ ଭିଲ୍ ହେଇପାରେ ବଲି କୁହାଯାଇଛେ ।